Chapter- 13

# ସୂର୍ଯ୍ୟ ମନ୍ଦିର

STUDY NOTES

## MIND MAP



ରାଜା ନରସିଂହ ଦେବ ଘୋଷଣା କଲେ ଯେ ସମୁଦ୍ର କୂଳରେ ସୂର୍ଯ୍ୟ ଉପାସନା ନିମନ୍ତେ ମନ୍ଦିର ନିର୍ମାଣ ହେବ । କେତେ ଅର୍ଥ ଗର୍ଚ୍ଚ ହେବ ଅଟକଳ କର । ଏ ପରି ମନ୍ଦିର ହେବ ଯେ ପୃଥିବୀର ଲୋକଙ୍କୁ ଚକିତ କରିବ । ଏ କାମରେ ବିଶୁମହାରଣଙ୍କ ସହ ୧୨ଶହ ବଢ଼େଇ ଯୋଗଦାନ କଲେ । ମନ୍ଦିର ତିଆରି ୧୨ ବର୍ଷ ହେଲା ସମାପ୍ତ ହୋଇପାରୁ ନଥିଏ । ଧରମା ଥିଲା ବିଶୁ ମହାରଣାଙ୍କ ପୁଅ । ସେ ବାରି ବରକୋଲି ଧରି କୋଣାର୍କ ଆସିଲା ଓ ବାପାଙ୍କୁ ଚିହ୍ନିଲା । ଶିଳ୍ପୀ କୂଳର ଦୁଃଖ ବୁଝିଲା । ଘରେ ଥିବା ପୋଥି ପଢ଼ି ଯେଉଁ ଜ୍ଞାନ ଅର୍ଜନ କରିଥିଲା । ସେଥିରେ ଦଧିନଉତି ବସାଇଲା । ଏଥିରେ ଶିଳ୍ପୀକୂଳ ଲଜ୍ୟା ବୋଧ କଲେ ହେଲେ ଧରମା କାହାରି କଥାକୁ ଖାତିର ନ କରି ସମସ୍ତଙ୍କୁ ସାନ୍ତ୍ୱନା ଦେଇ ସମୁଦ୍ର ମଧ୍ୟକୁ ଡ଼େଇଁ ପଡ଼ିଲା । ବିଶ୍ୱ ପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଧରମା ସବୁଦିନ ପାଇଁ ନିଜକୁ ଜଳରେ ଝାସ ଦେଇ ଦେଲା ।

ODM EDUCATIONAL GROUP Changing your Tomorrow